# କଡ଼ାକଡ଼ି ଯାଞ୍ଚ ହେବ ହେଲ୍‌ମେଟ୍

ବ୍ରହ୍ମପୁର ଅଫିସ୍, ୧୮।୧୨

ଏଥର ଅମାନିଆ ଦୁଇ ଚକିଆ ମୋଟର ଯାନ ଚାଳକ ସାବାଡ଼ ହେବେ। କୋଭିଡ୍ କଟକଣାରୁ ସରକାରଙ୍କ ପକ୍ଷରୁ ଯାନବାହନ ଯାଞ୍ଚ କୋହଳ କରାଯାଇଥିଲା। ଜାନୁୟାରୀ ପହିଲାରୁ ଯାଞ୍ଚ କଡ଼ାକଡ଼ି କରାଯିବା ନେଇ ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଣିକି ଚାଳକ ଓ ପଛରେ ବସିଥିବା ଲୋକ ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ।

କେବଳ ଆଇଏସ୍ଆଇ ଲୋଗୋ ଥିବା ହେଲ୍‌ମେଟ୍‌ଗୁଡ଼ିକୁ ସରକାର ଅନୁମତି ଦେଇଛନ୍ତି। ବିକ୍ରି ହେଉଥିବା ପ୍ରତ୍ୟେକ ହେଲ୍‌ମେଟ୍‌ରେ ସରକାରୀ ଲୋଗୋ ଥିବା ଦେଖି ଲୋକେ କିଣିନେଉଛନ୍ତି। କିନ୍ତୁ ବେପାରୀମାନେ ବର୍ତ୍ତମାନ ଲୋକଙ୍କ ଆବଶ୍ୟକତାକୁ ନେଇ ନିମ୍ନମାନର ହେଲ୍‌ମେଟ୍‌କୁ ଆଇଏସ୍ଆଇ ଲୋଗୋ ଲଗାଇ ଚଢ଼ା ଦରରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ଏହାକୁ ଯାଞ୍ଚ କରିବା ଆବଶ୍ୟକତା ରହିଛି। ଏ ନେଇ ଟ୍ରାଫିକ ଡିଏସ୍‌ପି ବିମଲ କାନ୍ତ ନାୟକ କହିଛନ୍ତି ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ। ନୂଆବର୍ଷରୁ ଏହି ନିୟମ ପ୍ରକାରେ ଯାନବାହନଗୁଡ଼ିକ କଡ଼ା ଚେକିଂ କରାଯିବ ବୋଲି ନିର୍ଦ୍ଦେଶନାମା ରହିଛି। ହେଲମେଟ ସହ ଇନ୍ସୁରାନ୍ସ, ପ୍ରଦୂଷଣ ଯାଞ୍ଚ, ଓଭର ଲୋଡିଂ ସବୁଥିରେ ଅଧିକା ଜରିମାନା ସହ ଆବଶ୍ୟକ ସ୍ଥଳେ ଲାଇସେନ୍ସ ରଦ୍ଦ କରାଯିବ।

**ଜାନୁୟାରୀରୁ ନୂଆ ନିୟମ**




**ସେମାନେ ଯାହା କୁହନ୍ତି**



"କୋଭିଡ୍ ଆରମ୍ଭରୁ ବ୍ୟବସାୟ ବନ୍ଦ ଥିଲା। ପୁଣି ନୂଆ ନିୟମ ଆସିବା ପରେ ହେଲ୍‌ମେଟ୍ ବିକ୍ରି ଆରମ୍ଭ ହୋଇଛି ।

–ନାରାୟଣ ସାହୁ (ବ୍ୟବସାୟୀ)



"ସରକାରଙ୍କ ନୂଆ ନିୟମ ସ୍ୱାଗତଯୋଗ୍ୟ। କିନ୍ତୁ ସହରରେ ବିକ୍ରି ହେଉଥିବା ହେଲ୍‌ମେଟ୍ କେତେ ଉନ୍ନତମାନର ତାହା ଯାଞ୍ଚ କରିବା ବିଧେୟ।

–ଫିନେନ୍ଦୁ ସାହୁ (ଓସ୍‌ମେ ଗଞ୍ଜାମ ଜିଲା ସମ୍ପାଦକ)



"ସରକାରଙ୍କ ପଦକ୍ଷେପ ଦୁର୍ଘଟଣା ରୋକିବା ନିମନ୍ତେ ଠିକ୍। ବହୁ ପୂର୍ବରୁ ଏପରି ନିୟମ ଆସିବା କଥା । କିନ୍ତୁ ଲୋକେ ଏହାକୁ କେତେ ମାନିବେ ଦେଖିବା କଥା।

–ମନୋଜ ସେଠୀ ( ଯୁବ ଚାଳକ)

# କୋର୍ଟରେ ୧୩ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ବ୍ରହ୍ମପୁର ଅଫିସ ,୧୮।୧୨

**ଭୋଟକୁ ନେଇ ଗାଁରୁ ବାସନ୍ଦ ମାମଲା**

ନିର୍ବାଚନ ବେଳେ ଭୋଟ ଦେବାକୁ କେନ୍ଦ୍ର କରି ଗାଁରୁ ବାସନ୍ଦ କରାଯାଇଥିବା ମାମଲାରେ ୧୩ ଅଭିଯୁକ୍ତ ଶୁକ୍ରବାର ଏସଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏସଡିଜେଏମ ଜିତେନ୍ଦ୍ରୀୟ ପାଣିଗ୍ରାହୀ ଅଭିଯୁକ୍ତ ତଥା ଗୋଳନ୍ଥରା ଥାନା ଅନ୍ତର୍ଗତ ପାତି ସୁନପୁର ଗ୍ରାମର ଡବ୍ଲ୍ୟୁ. ଏଲେୟା, ବି.କୋଟେସ୍ୱ, ଡବ୍ଲ୍ୟୁ.ସୋମେସ୍ୱ, ଡ଼ି. ଗାରେୟା, ରାମନାଥ ପଳାଇଙ୍କ ସମେତ ୧୩ ଜଣଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

୨୦୧୯ ସାଧାରଣ ନିର୍ବାଚନ ବେଳେ ଏପ୍ରିଲ ୧୧ରେ ହୋଇଥିବା ଭୋଟରେ ଜଣେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀଙ୍କୁ ଭୋଟ ନ ଦେବାରୁ ତାଙ୍କୁ ଗାଁର କେତେଜଣ ମାରପିଟ କରିଥିଲେ। ଏପରିକି ବୈଠକ କରି ଗାଁରୁ ତାଙ୍କୁ ବାସନ୍ଦ କରି ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଏ ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୭/୧୯ ରେ ମାମଲା ରୁଜୁ କରିବା ସହ ୧୩ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛାଡ଼ି ଦେଇଥିଲା। ଶୁକ୍ରବାର ଉକ୍ତ ୧୩ ଜଣ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ମୁଦ୍ଦୁଲାଙ୍କ ପକ୍ଷରୁ ଆଇନଜୀବୀ ଗୌରୀଶଙ୍କର ଦାସ ଓ ଶିବ ପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ବୈଠକ




ବୈଠକରେ ଆଲୋଚନା ଚାଲିଛି।

ବ୍ରହ୍ମପୁର ଅଫିସ୍,୧୮।୧୨

୨୦୨୦ ବିଶ୍ୱବିଦ୍ୟାଳୟ ଆଇନ ବିଧାନସଭାରେ ପାରିତ ହେବାପରେ ଶୁକ୍ରବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଥମ ସିଣ୍ଡିକେଟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣିଙ୍କ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ସିଣ୍ଡିକେଟ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଜୟନ୍ତ ନାରାୟଣ ଷଡ଼ଙ୍ଗୀ, ଜୟପୁର ଆଞ୍ଚଳିକ ନିର୍ଦ୍ଦେଶକ ଡ. ତ୍ରିନାଥ ପ୍ରସାଦ ରଥ, ବିଶ୍ୱବିଦ୍ୟାଳୟ ଉପକୁଳସଚିବ ଡ଼.ବାପୁଜୀ ସାମଲଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଯାଇଥିଲା। ପରେ ବିଶ୍ୱ ବିଦ୍ୟାଳୟର ଉନ୍ନତୀ କିଭଳି ହେବ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପିଜି କାଉନସିଲ ଅଧ୍ୟକ୍ଷା ଡ଼.ଅରୁନ୍ଧତୀ ରଥ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦ୍ୱିତୀୟ ପର୍ଯ୍ୟାୟ ପିଜି ନାମଲେଖା ଆରମ୍ଭ

ବ୍ରହ୍ମପୁର,ଅଫିସ,୧୮।୧୨-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶୁକ୍ରବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ପିଜି ନାମଲେଖା ଆରମ୍ଭ ହୋଇଛି। ପ୍ରଥମ ଦିନ ଇଲେକ୍ଟ୍ରୋନିକ ସାଇନ୍ସରେ ୪, ଆଇଆର୍ ଏଣ୍ଡ ପିଏମ୍ ୧, ମେରାଇନ ବାୟୋଲୋଜି ୧, ଓସୋନଗ୍ରାଫି ୬, ଓଡ଼ିଆ ୩, ରାସାୟନିକ ବିଜ୍ଞାନ ୧, ବାଣିଜ୍ୟ ୩, ଇକୋନୋମିକସ୍ ୩, ଇଂଲିଶ ୩, ଗୃହ ବିଜ୍ଞାନ ୨, ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗରେ ୫, ଆଇନ ୩, ଗଣିତ ୩, ପ୍ରାଣୀବିଜ୍ଞାନରେ ୨ ଏପରି ମୋଟ ୪୦ ଜଣ ନାମ ଲେଖାଇଥିବା ପିଜି କାଉନସିଲ ଅଧକ୍ଷା ପ୍ରଫେସର୍ ଅରୁନ୍ଧତୀ ରଥ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୦ ବିଭାଗରେ ୫୩୨ ଛାତ୍ରୀଛାତ୍ର ନାମ ଲେଖାଇଥିଲେ । କୌଣସି କାରଣରୁ ୪୧ ଜଣ ଟିସି ନେଇଥିବା ଜଣାପଡ଼ିଛି। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ।

### କୋଟିପତି ଶିକ୍ଷକଙ୍କ ଜାମିନ ଖାରଜ

ବ୍ରହ୍ମପୁର ଅଫିସ,୧୮।୧୨-ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ବ୍ରହ୍ମପୁର ଭିଜିଲାନ୍ସ ଗଜପତି ଜିଲା ଗୋଷାଣୀ ବ୍ଲକ ଏସ. ରାଉତପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୁଷ୍ମନ୍ତ ନାୟକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ତାଙ୍କ ଓକିଲ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଜାମିନ ଆବେଦନ କରିଥିଲେ। ଉଭୟ ପକ୍ଷ ଓକିଲଙ୍କ ମଧ୍ୟରେ ଜବାବସୁଆଲ ପରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ଅଭିଯୁକ୍ତଙ୍କ ଜାମିନକୁ ଖାରଜ କରିଥିବା ସ୍ୱତନ୍ତ୍ର ପିପି ତପନ କୁମାର ଦାଶ ସୂଚନା ଦେଇଛନ୍ତି। ମୁଦାଲାଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିବା ଆଇନଜୀବୀ ପ୍ରଦୀପ ପାଣିଗ୍ରାହୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ଶିକ୍ଷକ ଦୁଷ୍ମନ୍ତଙ୍କ ପାରଳାଖେମୁଣ୍ଡିସ୍ଥିତ ବାସଭବନ, ଶ୍ୱଶୁରଘର ରାୟଗଡା ଜିଲା ଗୁଣପୁରସ୍ଥିତ ରୁପା କମ୍ପ୍ଲେକ୍ସ ସମେତ ୧୧ ସ୍ଥାନରେ ଏକକାଳୀନ ଚଢଉ କରାଯାଇଥିଲା। ଶିକ୍ଷକ ଦୁଷ୍ମନ୍ତ ଓ ତାଙ୍କ ପରିବାରବର୍ଗଙ୍କ ନାମରେ ମୋଟ ୪ କୋଟି ୩ ଲକ୍ଷ ୨୯ ହଜାର ୮୬୯ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା।

### ୩ ଦିନ ଲାଗିରହିବ କୁହୁଡ଼ି

ବ୍ରହ୍ମପୁର ଅଫିସ,୧୮।୧୨- ଦକ୍ଷିଣ ଓଡ଼ିଶାକୁ ଲେଉଟିବ ଶୀତ । ଆସନ୍ତା ୩ଦିନ ଗଞ୍ଜାମ, କନ୍ଧମାଳ, କୋରାପୁଟ, ରାୟଗଡା, ମାଲକାନଗିରି ଜିଲାରେ କୁହୁଡିର ପ୍ରଭାବ ରହିବ। ଏସବୁ ଜିଲାଗୁଡ଼ିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଗୋପାଳପୁର ପାଣିପାଗ ବିଭାଗ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ବୈଜ୍ଞାନିକ ଏସ୍.କେ. ମୂର୍ତ୍ତି ସୂଚନା ଦେଇଛନ୍ତି । ଏଥିସହ ରାତିରେ ତାପମାତ୍ରା ଖସିପାରେ। ଏପରିକି ଗୋଟିଏ ଦୁଇଟି ସ୍ଥାନରେ ପାରଦ ୬ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଥିବା ସେ କହିଛନ୍ତି ।

### ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣା
### ଜେଲ ଗଲେ ଦୁଇ ଅଭିଯୁକ୍ତ

ବ୍ରହ୍ମପୁର ଅଫିସ୍,୧୮।୧୨-ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ୨ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଭାବିନୀପୁରର କାଳିଆ ରାଉଳ (୨୩) ଓ ସନ୍ତୋଷ ବେହେରା ଓରଫ ମଲା (୨୫)। ମାମଲା ନଂ.୩୮୫/୨୦ରେ ଶୁକ୍ରବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୋମବାର ରାତିରେ ଭଗବାନ ସାହୁ ଭାବିନିପୁର ଗାଁର ରାଧାକୃଷ୍ଣ ମଠ ନିକଟରେ ଛିଡ଼ା ହୋଇଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ଖଣ୍ଡା ଓ ଲୁହାଛଡ଼ରେ ଆକ୍ରମଣ କରାଯାଇଥିଲା। ଆହତ ଭଗବାନଙ୍କୁ ପ୍ରଥମେ ଏମ୍‌କେସିଜି ମେଡ଼ିକାଲ ଓ ସେଠାରୁ କଟକ ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା।

### ଆର୍‌ଡିସି, ଶ୍ରମ କାର୍ଯ୍ୟାଳୟ ଦ୍ୱାରସ୍ଥ ଏମ୍‌କେସିଜି ଆଟେଣ୍ଡାଣ୍ଟ

ବ୍ରହ୍ମପୁର ଅଫିସ୍,୧୮।୧୨-ବ୍ରହ୍ମପୁର ବଡ଼ ଡାକ୍ତରଖାନାର ଆଉଟସୋର୍ସିଂ କର୍ମଚାରୀଭାବେ ଆଟେଣ୍ଡାଣ୍ଟମାନେ ଦାବି ପୂରଣ ପାଇଁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ ଜାରି ରଖିଛନ୍ତି। ନିଯୁକ୍ତି ତାଲିକାରୁ ବାଦ୍ ଦିଆଯିବାକୁ ବିରୋଧ କରି ସେମାନେ ଶୁକ୍ରବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଟେଣ୍ଡାଣ୍ଟଙ୍କ ଦାୟିତ୍ୱଭାର ନେଇଥିବା ନୂତନ ଏଜେନ୍ସି ସଂସ୍ଥା ପ୍ରଶାସନ ସହ ମିଶି ନିୟୋଜିତ ବର୍ଷ ଓ ଅଭିଜ୍ଞତାକୁ ନେଇ ଠିକ୍ ତାଲିକା ପ୍ରସ୍ତୁତ କରିବା ପାଇଁ ଦାବି କରିଛନ୍ତି। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

# କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ୍,୧୮।୧୨

ଲିଡସ୍ ସ୍ପୋର୍ଟିଂ କ୍ଲବ ପକ୍ଷରୁ ୭ ଦିନ ଧରି ଚାଲିଥିବା ଶୀତକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ଜିଲା କ୍ରିକେଟ୍ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା,ସମ୍ମାନିତ ଅତିଥି ରୂପେ ପଶ୍ଚିମବଙ୍ଗର କୋଚ୍ ଅର୍ଚ୍ଚନ୍ ଦତ୍ତ ଯୋଗ ଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀଙ୍କୁ ଅତିଥିମାନେ ମାନପତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ବିଶୋୟୀ, ଏ.ସନ୍ତୋଷ ପାତ୍ର, ଆଦିତ୍ୟ ପଟ୍ଟନାୟକଙ୍କ ସମେତ କ୍ଲବର ବହୁ ସଦସ୍ୟ ଉପସ୍ଥିତ ଥିଲେ।




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପ୍ରଶିକ୍ଷାର୍ଥୀ।

# ଏବିଭିପିର ନଗର ସମ୍ମିଳନୀ

ବ୍ରହ୍ମପୁର ଅଫିସ,୧୮।୧୨

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଗୋପାଳପୁର ନଗର ଶାଖା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଭିପି ରାଜ୍ୟ ଉପସଭାପତି ଶିବ ପ୍ରସାଦ ତ୍ରିପାଠୀ ଯୋଗଦେଇ ଛାତ୍ରୀ ଛାତ୍ରମାନଙ୍କୁ ଏବିଭିପିର ଲକ୍ଷ୍ୟ ଓ ଆଦର୍ଶ ବିଷୟରେ ବୁଝାଇଥିଲେ। ପୂର୍ବତନ ନଗର ସମ୍ପାଦିକା ବର୍ଷାରାଣୀ ମହାରଣା ବାର୍ଷିକ ବିବରଣୀ ପାଠ କରିବା ପରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଗୋପାଳପୁର ମହାବିଦ୍ୟାଳୟର ଛାତ୍ରନେତା ଅରୁଣ କୁମାର ନାୟକଙ୍କୁ ନଗର ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗ ସଂଯୋଜକ କୃଷ୍ଣଚନ୍ଦ୍ର ପଲାଇ ବ୍ରହ୍ମପୁର ମହାନଗର ନିଗମ ସଂଗଠନ ସମ୍ପାଦକ ଯୁଧିଷ୍ଠିର ବେହେରା ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ପୌର କର୍ମଚାରୀ ସଂଘ ବୈଠକ

ଭଞ୍ଜନଗର,୧୮।୧୨(ଡି.ଏନ.ଏ)

ଭଞ୍ଜନଗର ଏନ୍ଏସି ଅବସରପ୍ରାପ୍ତ ପୌର କର୍ମଚାରୀ ସଂଘର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଡ଼ି. ଚେଲପତି ରାଓ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ସହ ସପ୍ତମ ବେତନ କମିଶନ ଅନୁସାରେ ପେନ୍‌ସନ ଦେବାକୁ ଦାବି ହୋଇଥିଲା। ଏହାପରେ ଉପ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବ୍ରହ୍ମପୁର ବନଖଣ୍ଡରେ ଘୂରି ବୁଲୁଛନ୍ତି ୨୬ ହାତୀ

ବ୍ରହ୍ମପୁର ଅଫିସ,୧୮।୧୨

**ନଷ୍ଟ ହେଉଛି ଧାନ ଫସଲ, ଚିନ୍ତାରେ ଚାଷୀ**

ବ୍ରହ୍ମପୁର ବନଖଣ୍ଡ ଅଧୀନରେ ଥିବା ବ୍ରହ୍ମପୁର ସେକ୍ସନ ଓ ଟାମଣା ସେକ୍ସନରେ ଏବେ ୨୬ ହାତୀ ଘୂରି ବୁଲୁଛନ୍ତି। ହାତୀପଲ ଜଙ୍ଗଲ ତଳି ଅଞ୍ଚଳରେ ଥିବା ଜମିରେ ପଶି ଧାନ ଖାଇବା ସହ ନଷ୍ଟ କରୁଛନ୍ତି। ଏପରିକି ପରିବା ଫସଲ ମଧ୍ୟ ନଷ୍ଟ କରୁଛନ୍ତି। ଗୋଟିଏ ପଲରେ ୨ ଦନ୍ତା, ୭ ମାଈ ଓ ଗୋଟିଏ ଛୁଆ ହାତୀ ରହିଥିବା ବେଳେ ଅନ୍ୟ ପଲରେ ୨ଦନ୍ତା, ୮ ମାଈ ଓ ୬ ଛୁଆ ହାତୀ ଅଛନ୍ତି। କୁକୁଡ଼ାଖଣ୍ଡି ବ୍ଲକ ଅଧିନସ୍ଥ ବାଣିଆମାରି, ବନ୍ଥପଲୀ, ରାମଗୁଡା, ବେଲପଡା, ଜିନିଗୁଡା, ଢେପାଗୁଡ଼ା, ବିକାଶପୁର, ଅନନ୍ତେଇ, କୁମ୍ଭଝରି, କଙ୍କିଆ, ଟାମଣା ଓ ଚିକିଟିର ନୂଆପଡା ଆଦି ଅଞ୍ଚଳରେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଦିନସାରା ଜଙ୍ଗଲ ରହୁଥିବା ବେଳେ ସଞ୍ଜ ନଇଁଲେ ସେମାନଙ୍କ ଚଳପ୍ରଚଳ ଆରମ୍ଭ ହୋଇଯାଉଛି।

ବନ୍ଥପଲିର ରାମକୃଷ୍ଣ ପାଢ଼ୀ, ରାମଗୁଡାର ରଞ୍ଜନ ମଲିକ, ଢେପଗୁଡ଼ାର ଗଣେଶ ମଲିକ, ଟାମଣାର ରମେଶ ବେହେରାଙ୍କ ସମେତ ଆହୁରି ଅନେକ ଚାଷୀଙ୍କ ଜମିରେ ହାତୀପଲ ପଶି ଫସଲ ନଷ୍ଟ କରିଥିବା ଅଭିଯୋଗ କରୁଛନ୍ତି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ହାତୀ ରାଜପଥ ପାର ହୋଇ ଯାଉଥିବା ଦେଖିବାକୁ ମିଳୁଛି। ହାତୀ–ମଣିଷ ସଂଘର୍ଷ ଏଡାଇବା ସହ ହାତୀ ସୁରକ୍ଷା ପାଇଁ ତତ୍ପର ହୋଇଛି ବନ ବିଭାଗ। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ (ଡିଏଫଓ) ଅମ୍ଲାନ ନାୟକ କହିଛନ୍ତି, ୧୦ଟିକିଆ ହାତୀପଲ ରାମଗୁଡା ଜଙ୍ଗଲରେ ବର୍ଷସାରା ରହୁଛନ୍ତି। ଅନ୍ୟପଟେ ଗଜପତି ଜିଲା ଲଖାରୀ ଜଙ୍ଗଲରୁ ପ୍ରତିବର୍ଷ ନଭେମ୍ବରରେ ଏକ ହାତୀପଲ ଶେରଗଡ଼, ବଡଗଡ, ସୋରଡା ଜଙ୍ଗଲ ଦେଇ କୁକୁଡାଖଣ୍ଡି ବ୍ଲକର କୁମ୍ଭଝରି, ରାମଗୁଡା, ବେଲପଡା,ବିକାଶପୁର, ଟାମଣା ଇତ୍ୟାଦି ଅଞ୍ଚଳକୁ ଧାନ ଖାଇବା ପାଇଁ ଆସିଥାନ୍ତି। ସେମାନେ ସେଠାରେ ପ୍ରାୟ ମାର୍ଚ୍ଚ ପର୍ଯ୍ୟନ୍ତ ରହିବା ପରେ ଲଖାରୀ ଜଙ୍ଗଲକୁ ଫେରିଯାନ୍ତି। ଚଳିତବର୍ଷ ଲଖାରୀ ଜଙ୍ଗଲରୁ ୧୬ଟିକିଆ ହାତୀପଲ ଆସିଛନ୍ତି। ବନ ବିଭାଗ ପକ୍ଷରୁ ଏବେ ୪ଟି ଟିମ ଗଠନ ହୋଇଛି। ପ୍ରତ୍ୟେକ ଟିମରେ ୬ଜଣ ସଦସ୍ୟ ରହିଛନ୍ତି। ଦୁଇଟି ଟିମ ବ୍ରହ୍ମପୁର ଉପକଣ୍ଠ ଓ ଟାମଣା ଅଞ୍ଚଳରେ ହାତୀପଲ ଗତିବିଧିକୁ ଟ୍ରାକିଂ କରୁଛନ୍ତି। ସେହିପରି ଅନ୍ୟ ଦୁଇଟି ଟିମ ଦିଗପହଣ୍ଡି ଅଞ୍ଚଳରେ ରହୁଥିବା ହାତୀ ପଲର ଚଳପ୍ରଚଳ ହେଉଥିବା ଗତିପଥ ଉପରେ ନଜର ରଖିଛନ୍ତି। ହାତୀଙ୍କୁ ଜନବସତି ଠାରୁ ଦୂରକୁ ଘଉଡାଇବା, ଚାଷୀଙ୍କ ନଷ୍ଟ ହୋଇଥିବା ଫସଲ ଆକଳନ କରି ଫସଲ ବାବଦ କ୍ଷତିପୂରଣ ପ୍ରଦାନ ଓ ହାତୀ –ମଣିଷ ସଂଘର୍ଷକୁ ଏଡ଼ାଇବା ଦିଗରେ ବନ ବିଭାଗ ସକ୍ରିୟ ରହିଛି ବୋଲି ଡିଏଫଓ ନାୟକ ସୂଚନା ଦେଇଛନ୍ତି।

# ଆହାର କେନ୍ଦ୍ର ବାହାରୁ ହଟିଲେ ବ୍ୟବସାୟୀ

ବ୍ରହ୍ମପୁର ଅଫିସ୍,୧୮।୧୨

ବ୍ରହ୍ମପୁର ବଡ଼ ଡାକ୍ତରଖାନାସ୍ଥିତ ଆହାର କେନ୍ଦ୍ର ବାହାରେ ଖାଦ୍ୟ ବିକ୍ରି କରୁଥିବା ଲୋକଙ୍କୁ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ହଟାଇଛି। ଲକ୍‌ଡ଼ାଉନ୍‌ରେ ଆହାର କେନ୍ଦ୍ର ବନ୍ଦ ରହିବାରୁ ସେଥିରେ କାମ କରୁଥିବା କିଛି କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। ଫଳରେ ସେମାନେ ରୋଜଗାରର ପନ୍ଥା ନ ପାଇ ଆହାର କେନ୍ଦ୍ର ବାହାରେ ଦୀର୍ଘ ଦିନ ଧରି ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିଲେ। ଶୁକ୍ରବାର ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ପହଞ୍ଚି ପଲିଥିନରେ ଖାଦ୍ୟ ବିକ୍ରି କରୁଥିବା ଅଭିଯୋଗରେ ସମସ୍ତ ବ୍ୟବସାୟୀଙ୍କୁ ହଟାଇଛନ୍ତି। ଯାହାକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଏମ୍‌ସି ଥଇଥାନ କରିବାକୁ ବହୁ ବ୍ୟବସାୟୀ ଦାବି କରିଛନ୍ତି।

**ନବମ ଜନ୍ମଦିନ ଶୁଭେଚ୍ଛା**



**ସତ୍ୟପ୍ରକାଶ ପାତ୍ର (ସୋମ୍)**

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ କି ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ନୀରୋଗ ଓ ଦୀର୍ଘାୟୁ କରନ୍ତୁ।

–:ଶୁଭେଚ୍ଛା ସହ:–

ତୋର ବାପା, ବୋଉ, ମାମା, ପାପା, ମାନି ମାମା, ଲିପୁ ପାପା, ଛୁଆ ପାପା, ତୋର ସାନ ଭଉଣୀ ମାମା ଓ ଅଜା ଆଈ ।

ଧ–୧୧୨୮୦

# ତାରାତାରିଣୀ ମନ୍ଦିର ପାଇଁ ଅଧାଦେଶ ଆଣିବାକୁ ଦାବି

ଛତ୍ରପୁର,୧୮।୧୨(ଡି.ଏନ୍.ଏ.)

**ଗଞ୍ଜାମ ଜିଲା ଭାଜପାର ସ୍ମାରକପତ୍ର ପ୍ରଦାନ**

ରାଜ୍ୟ ସରକାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଭଳି ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପାଇଁ ଅଧାଦେଶ ଆଣିଛନ୍ତି। ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ମା' ତାରାତାରିଣୀ ମନ୍ଦିର ପାଇଁ ମଧ୍ୟ ସରକାର ଅନୁରୂପ ଅଧାଦେଶ ଆଣିବାକୁ ଭାଜପା ପକ୍ଷରୁ ଦାବି ହୋଇଛି। ଗଞ୍ଜାମ ଜିଲା ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ଛତ୍ରପୁର ଆସି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବାକୁ ଭାଜପା ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଶ୍ରୀଜଗନ୍ନାଥ ଓ ଲିଙ୍ଗରାଜ ମନ୍ଦିର ଭଳି ତାରାତାରିଣୀ ମନ୍ଦିର ସମେତ ରାଜ୍ୟର ୪ଟି ମନ୍ଦିର ପାଇଁ ଅଧାଦେଶ ଆଣିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। ଏହାଫଳରେ ମନ୍ଦିରର ପରିଚାଳନା କମିଟି ଗଠନ କରାଯାଇ ଏହାର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ହୋଇପାରିବ । ଭାରତର ୫୧ ଶକ୍ତିପୀଠ ମଧ୍ୟରୁ ମା' ତାରାତାରିଣୀଙ୍କ ପୀଠ ଅନ୍ୟତମ। ଏଠାରେ ପ୍ରତିବର୍ଷ ଚୈତ୍ର ମଙ୍ଗଳବାର ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ତେଣୁ ସରକାର ଅଧାଦେଶ ପ୍ରଣୟନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଜିଲା ଭାଜପା ସମ୍ପାଦକ ବିଭୂତି ଭୂଷଣ ଜେନା, ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ଉପସଭାନେତ୍ରୀ ଅନୀତା ଶୁଭଦର୍ଶିନୀ, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ପ୍ରଶାନ୍ତ କୁମାର କର, ପ୍ରଦୀପ କୁମାର ପାଢୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ପ୍ରମୋଦ ପଣ୍ଡା, ଶିଶିର ମିଶ୍ର, ମନୋରଞ୍ଜନ ଦ୍ୟାନସାମନ୍ତରା, ବସନ୍ତ ବେହେରା, ପଦ୍ମ ଚରଣ ସାହୁ, ରଘୁନାଥ ରେଡ୍ଡୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।



ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ଭାଜପା କର୍ମକର୍ତ୍ତାମାନେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ବନ୍ଧକ ଋଣ
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧ୍ୟରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM ASSET FINANCE LIMITED
Commitment Forever
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଦିବ୍ୟାଙ୍ଗ ଯୁବତୀଙ୍କୁ ଅସଦାଚରଣ ଅଭିଯୁକ୍ତ ଗିରଫ

ଆସିକା,(ଡି.ଏନ୍.ଏ.)- ଆସିକା ଥାନା ଇଲାକାରେ ଶୁକ୍ରବାର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆସିକା ଥାନା ଅନ୍ତର୍ଗତ ନବରତ୍ନପୁର ଗ୍ରାମର ପବିତ୍ର ପୋଲାଇ (୪୫)। ଘଟଣା ସମ୍ପର୍କରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କ ଅଭିଯୋଗ କ୍ରମେ ପୋଲିସ ପକ୍ଷରୁ ଆସିକା ଥାନାରେ ନଂ.୬୮୨/୨୦ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ଯୁବତୀଙ୍କ ବୟାନ ରେକର୍ଡ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୋଗରୁ ପ୍ରକାଶ, ଶୁକ୍ରବାର ସକାଳେ ଯୁବତୀ ଜଣକ ପାହାଡ ନିକଟକୁ ଗୋବର ଶୁଖାଇବାକୁ ନେଇଥିବାବେଳେ ଅଭିଯୁକ୍ତ ତାଙ୍କୁ ଟଣାଓଟରା କରିଥିଲେ। ସେ ପାଟି କରିବାରୁ ଆଖପାଖରେ ଥିବା ଲୋକେ ପହଞ୍ଚି ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ କାବୁ କରିଥିଲେ।

## ସଂକ୍ଷେପରେ

### ନିରୁପମାଙ୍କ ଇସ୍ତଫା ଦଳ ଉପରେ ପ୍ରଭାବ ପକାଇବନି

ଦିଗପହଣ୍ଡି,୧୮।୧୨(ଡି.ଏନ.ଏ.)- ଦିଗପହଣ୍ଡି କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ଏନ୍ଏସି ୧ନଂ. ୱାର୍ଡର ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକଙ୍କ କଂଗ୍ରେସ ଇସ୍ତଫା ଦେଇ ବିଜେଡିରେ ସାମିଲ ହେବା ପରେ ସେ ଦେଇଥିବା ମନ୍ତବ୍ୟକୁ କଂଗ୍ରେସ ତୀବ୍ର ନିନ୍ଦା କରିଛି। ପୂର୍ବତନ କାଉନସିଲର ଅନାମଧେୟ ଲୋକଙ୍କୁ ବ୍ରହ୍ମପୁର ଡାକି କଂଗ୍ରେସ କର୍ମୀ ବୋଲି ମିଥ୍ୟା ପରିଚୟ ଦେଇ ବିଜେଡିରେ ସାମିଲ କରାଇଥିବା ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ତଥା ଗଞ୍ଜାମ ଜିଲା କଂଗ୍ରେସ କମିଟିର ଉପସଭାପତି ପ୍ରଫୁଲ୍ଲ ପଣ୍ଡା କହିଛନ୍ତି। କେବଳ ପୂର୍ବତନ କାଉନସିଲର ଏବଂ ତାଙ୍କ ସ୍ୱାମୀଙ୍କ ବ୍ୟତୀତ ସହରର ଅନ୍ୟ କେହି କଂଗ୍ରେସ କର୍ମୀ ଇସ୍ତଫା ଦେଇ ନ ଥିବା ସେ କହିଛନ୍ତି। କଂଗ୍ରେସ ସଙ୍ଗଠନକୁ ଧ୍ୱଂସ କରିବା ପାଇଁ ବହୁବାର ଉଦ୍ୟମ କରି ବିଫଳ ହେବାପରେ ଦଳରୁ ବହିଷ୍କୃତ ହେବା ପୂର୍ବରୁ ସେ ଇସ୍ତଫା ଦେଇଥିଲେ। ତେଣୁ ତାଙ୍କ ଇସ୍ତଫା କଂଗ୍ରେସ ଦଳ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି କଂଗ୍ରେସ ନେତୃବୃନ୍ଦ କହିଥିଲେ। ସହରବାସୀଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ଏନ୍ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ବେଳେ ଆବର୍ଜନା ସଂଗ୍ରହ ନାଁରେ ପ୍ରତି ମାସରେ ୩୦ ଟଙ୍କା ଆଦାୟ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜନ ଆନ୍ଦୋଳନ କରାଯିବ ବୋଲି ସମ୍ମିଳନୀରେ ଉପସ୍ଥିତ ବିକାଶ ପଶୁପାଳକ, ରସାନନ୍ଦ ରାଉତ, କେ. କୁନା, ଏ. କେଶବ ଦୋରା, ଡମ୍ବରୁଧର ବେହେରା, ମହେନ୍ଦ୍ର ସାହୁ, ଚନ୍ଦନ ସେଠୀ ପ୍ରମୁଖ କହିଛନ୍ତି।

### ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ

ପୁରୁଷୋତ୍ତମପୁର, ୧୮।୧୨(ଡି.ଏନ୍.ଏ.)- ପୁରୁଷୋତ୍ତମପୁର ଓକିଲ ସଂଘ ପକ୍ଷରୁ ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ରଞ୍ଜନା କୁମାରୀ ପଣ୍ଡା ନବ ନିର୍ବାଚିତ ସଭାପତି କେଦାରନାଥ ପଟ୍ଟନାୟକ, ଉପସଭାପତି ସୀମାଞ୍ଚଳ ସେଠୀ,ସମ୍ପାଦକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଓ ସହ ସମ୍ପାଦକ ପାଣ ବେହେରାଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ବରିଷ୍ଠ ଓକିଲ ଉପେନ୍ଦ୍ର ପଣ୍ଡା, ବାସୁଦେବ ଜେନା, ପ୍ରଭାତ କୁମାର ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ଗୌଡ଼, ଅମରେଶ ତ୍ରିପାଠୀ, ସୀମାଞ୍ଚଳ ମିଶ୍ର, ରବୀନ୍ଦ୍ର ବେହେରା, ଅଶୋକ କୁମାର ମହାକୁଡ଼, ଦୟାନିଧି ପଣ୍ଡା, ପ୍ରଭାତ କୁମାର ଦାସ, ଅକ୍ଷୟ କୁମାର ବେହେରାଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ।

### ସେନାପତି ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କୁକୁଡାଖଣ୍ଡି,୧୮।୧୨-କୁକୁଡାଖଣ୍ଡି ସେନାପତି ରାଇସ ମିଲଠାରେ ଶୁକ୍ରବାର ସେନାପତି ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଅଦଲ ଚେନେୟାଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଉଦଘାଟନ ହୋଇଥିଲା। ୨ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦିନରେ ୧୬ ଦଳ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୮ ଗୋଟି ଦଳ ପରାସ୍ତ ହୋଇଥିଲେ। ଦ୍ୱିତୀୟ ଦିନ ୮ ଗୋଟି ଦଳକୁ ନେଇ କ୍ୱାଟର ଫାଇନାଲ, ସେମି ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ବିଜୟୀ ଦଳ ସୁମନ, ସିଟୁନ ବନାମ ଶୁଭନ, ମାନସକୁ ୨-୧ ସେଟରେ ପରାସ୍ତ କରିଥିଲା। ବିଜୟୀ ଦଳକୁ ୩୩୩୩ ଟଙ୍କା ଓ ପରାଜୟ ଦଳକୁ ୨୨୨୨ ଟଙ୍କା ପୁରସ୍କାର ସହିତ ଉଭୟ ଦଳକୁ ସିଲ ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ କୁକଡ଼ାଖଣ୍ଡି ସ୍ଥାନୀୟ ସରପଞ୍ଚ ଅଦଲ ଚେନେୟା, ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ସାକା ସୁଜିତ କୁମାର, କେ ମଣି ବାବୁ, ଏ ଧର୍ମା, ଇପିଲି ରୁଷୀୟା, ପନାଡ ସୁବାସ, ବନବାସୀ ପାଢ଼ୀ, ଏସ.ଚିନ୍ତା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପର୍ଯ୍ୟାପ୍ତ ପରିମାଣରେ ମିଳିବ ୱାଇ ଫର୍ମ

## ପୋଲିସ, ତହସିଲଦାରଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗ

■ଗାଡ଼ି ମାଲିକଙ୍କ ସହ ଆଲୋଚନା କଲେ ଉପଜିଲାପାଳ

ଛତ୍ରପୁର,୧୮।୧୨(ଡି.ଏନ୍.ଏ.)


ବୈଠକରେ ଉପଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଗଞ୍ଜାମର ବିଭିନ୍ନ ଥାନା ପୋଲିସ ଓ ତହସିଲଦାରଙ୍କ ପକ୍ଷରୁ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ଟ୍ରାକ୍ଟର, ଟ୍ରକ, ଟିପ୍ପର ସଂଘ ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। ଏହାର ପ୍ରତିବାଦରେ ବିଭିନ୍ନ ସ୍ଥାନରେ ଟ୍ରାକ୍ଟର, ଟ୍ରକ ଓ ଟିପ୍ପର ମାଲିକ ମାନେ ଏକାଠି ହୋଇ ସଂଘ ଗଠନ କରି ପ୍ରଶାସନର ଦୃଷ୍ଟିଆକର୍ଷଣ କରିଥିଲେ। ଏହିପରିପ୍ରେକ୍ଷୀରେ ଶୁକ୍ରବାର ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଟ୍ରକ ଓ ଟ୍ରାକ୍ଟର ମାଲିକ ସଂଘର କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା ବୈଠକ ହୋଇଥିଲା। ବାଲି ପରିବହନ ବେଳେ ଲିଜ୍‌ଧାରୀମାନେ ୱାଇ ଫର୍ମ ଦେଉ ନଥିବା ଗାଡି ମାଲିକମାନେ କହିଥିଲେ। ପର୍ଯ୍ୟାପ୍ତ ପରିମାଣର ୱାଇ ଫର୍ମ ମିଳିବ ଏବଂ ଏନେଇ ପ୍ରଶାସନ ସବୁ ବ୍ୟବସ୍ଥା କରିବ ବୋଲି ଛତ୍ରପୁର ଉପଜିଲାପାଳ କହିଥିଲେ। ଏଥିସହ ଛୁଟିଦିନରେ ମଧ୍ୟ ୱାଇ ଫର୍ମ ମିଳିବ। ତହସିଲଦାର ମାନଙ୍କୁ ଏନେଇ ନିର୍ଦ୍ଦେଶ ଦିଆଯିବ। ଏସ୍‌ପିଙ୍କ ସହ ଜିଲାପାଳ କଥା ହୋଇଥିବାରୁ ଆଉ ଏପରି କାର୍ଯ୍ୟାନୁଷ୍ଠାନ ହେବନି ବୋଲି କୁହାଯାଇଥିଲା। ଏଣିକି ସବୁ ବାଲି ସଇରାତ ନିକଟରେ ଲିଜ୍ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଫଳକ ରହିବ ବୋଲି ଉପଜିଲାପାଳ କହିଥିଲେ। ବେଆଇନ୍ ଭାବେ କେତେକ ସଇରାତ ଚାଲୁଥିବା ଏବଂ ଆନ୍ଧ୍ର ବାଲି ଚାଲାଣ ନେଇ ଅଭିଯୋଗ କରାଯାଇଥିଲା। ପୋଟଲାମପୁର ଓ ଗୋବାଠାରେ ବାଲି ଚୋରି ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ମୋରମ ଅଭାବ ଥିବାନେଇ ଉପଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଛତ୍ରପୁରରେ ୩ଟି ମୋରମ ଲିଜ୍ ଦିଆଯାଇଛି ଏବଂ ଜାନୁୟାରୀରେ କାର୍ଯ୍ୟକ୍ଷମ ହେବ। ଖଲିକୋଟରେ ମଧ୍ୟ ଖୁବଶୀଘ୍ର ଲିଜ୍ ଦିଆଯିବ। ପୁରୁଷୋତ୍ତମପୁରରେ ୭ଟି ମୋରମ ଖାଦାନ ଲିଜ୍ ଦିଆଯାଇଥିବାବେଳେ ଆଉ ୫ଟିର ଲିଜ୍ ଦିଆଯିବ। ଗଞ୍ଜାମ ବ୍ଲକରେ ମୋରମ ଖାଦାନ ଜଙ୍ଗଲ ବିଭାଗ ଅଧୀନରେ ଅଛି ଏବଂ ଉକ୍ତ ବିଭାଗ ଲିଜ୍ କରିବେ ବୋଲି ଉପଜିଲାପାଳ କହିଥିଲେ। କୌଣସି ଅସୁବିଧା ହେଲେ ତହସିଲଦାରଙ୍କୁ ଜଣାନ୍ତୁ, ଆବଶ୍ୟକ ହେଲେ ମୋତେ ମଧ୍ୟ ଜଣାନ୍ତୁ ବୋଲି ଉପଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ବ୍ରହ୍ମପୁର ସଂଘର ସଭାପତି ସନ୍ତୋଷ କୁମାର ସ୍ୱାଇଁ, ପାଲୁର ଜଙ୍କସନ ସଂଘର ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ଛତ୍ରପୁର ସଂଘର ସଭାପତି କେ. ଚନ୍ଦ୍ରଶେଖର ରେଡ୍ଡୀ, ଖଲ୍ଲିକୋଟ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ସାହୁ, କୋଦଳା ସଂଘର ସଭାପତି ଯୁଧିଷ୍ଠିର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# ଘାଟି ରାସ୍ତାରେ ବସ୍ ଓଲଟି ୮ ଗୁରୁତର

ଫୁଲବାଣୀ ଅଫିସ, ୧୮।୧୨

କନ୍ଧମାଳ ଜିଲା ଟିକାବାଲିରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ଏକ ବସ୍ ଗୁରୁବାର ମଧ୍ୟରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଖଜୁରିପଡା ଥାନା ଅନ୍ତର୍ଗତ ଗାଡ଼ିଆପଡ଼ା ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୨୫ ଯାତ୍ରୀ ଆହତ ହୋଇଥିବା ବେଳେ ୮ ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ୨ ଜଣଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ରାଇକିଆରୁ ଭାୟା ଟିକାବାଲି ଦେଇ ଆସୁଥିବା 'ରାଜା' ନାମକ ବସ୍(ନଂ.ଓଡି ୨୫ସି ୭୯୯୯)ରେ ୪୦ ଯାତ୍ରୀ ବସି ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ରାତି ପ୍ରାୟ ୧୨ଟାରେ ସମସ୍ତ ଯାତ୍ରୀ ଶୋଇପଡ଼ିଥିଲେ। ଖଜୁରିପଡା ବଜାର ପାର ହେବା ପରେ ବସ୍‌ଟି ଗାଡିଆପଡା ଘାଟି ଓହ୍ଲାଇ ସାରିଥିଲା। ଘାଟି ଓହ୍ଲାଇବାର ମଝିରେ ଗାଡ଼ି ବ୍ରେକରେ ସମସ୍ୟା ଦେଖାଦେଇଥିଲା । ଡ୍ରାଇଭର କୌଣସି ପ୍ରକାରେ ଘାଟି ଓହ୍ଲାଇ ଗାଡିକୁ ନିୟନ୍ତ୍ରଣକୁ ଆଣିବାକୁ ଚେଷ୍ଟା କରୁଥିବା ବେଳେ ଏକ ବୁଲାଣିରେ ବସ୍‌ଟି ରାସ୍ତା ପାର୍ଶ୍ୱକୁ ଖସି ପଡିଥିଲା। ଏହା ଜାଣି ଯାତ୍ରୀମାନେ ଚିତ୍କାର କରିଥିଲେ । କେହି ଜଣେ ପୋଲିସକୁ ଖବର ଦେଇଥିଲେ । କିଛି ସମୟ ପରେ ପୋଲିସ ଏବଂ ଦମକଳବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।



ଦୁର୍ଘଟଣାଗ୍ରସ୍ତ ବସ୍।

# ସିନ୍ଥେଟିକ ଟର୍ଫ ହକି ଗ୍ରାଉଣ୍ଡ ପାଇଁ ଜମି ଚିହ୍ନଟ

ଛତ୍ରପୁର,୧୮।୧୨(ଡି.ଏନ.ଏ)


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

ଗଞ୍ଜାମ ଜିଲାରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ଲାଗି ଶୁକ୍ରବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ । ଛତ୍ରପୁରରେ ସନ୍ଥେଟିକ ଟର୍ଫ ହକି ଗ୍ରାଉଣ୍ଡ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏଥିପାଇଁ ପୋଲିସ ହାଇସ୍କୁଲ ନିକଟରେ ୩ ଏକର ସରକାରୀ ଜମି ଚିହ୍ନଟ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଉକ୍ତ ଗ୍ରାଉଣ୍ଡରେ ଫ୍ଲଡ ଲାଇଟ୍ ବ୍ୟବସ୍ଥା ହେବ। ସେଠାରେ ବାଳିକା ଓ ଯୁବତୀମାନଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଛତ୍ରପୁର ଷ୍ଟାଡିୟମ ପରିସରରେ ଥିବା ଇନ୍‌ଡୋର ହଲରେ ବ୍ୟାଡମିଣ୍ଟନ ଖେଳିବା ନିମନ୍ତେ ରେଜିଷ୍ଟ୍ରେଶନ ଫି ଏକ ହଜାର ଓ ମାସକୁ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ସୁଇମିଂ ପୁଲ୍ ପାଇଁ ସାଧାରଣ ଫି ଧାର୍ଯ୍ୟ ହୋଇଥିବା ସୂଚନା ଦିଆଯାଇଛି। ଇନଡୋର ହଲ୍‌ରେ ଟେନିସ୍ କୋର୍ଟ, ଚେସ୍ ଓ ଯୋଗ ଅଭ୍ୟାସ ବ୍ୟବସ୍ଥା କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବିଭିନ୍ନ କ୍ରୀଡାର ବିକାଶ ସହ କୋଚିଂ ଓ କ୍ରୀଡାବିତ୍‌ଙ୍କୁ ସହାୟତା ପାଇଁ ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ସହାୟତା କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଇନଡୋର ଷ୍ଟାଡିୟମରେ ବାସ୍କେଟ ବଲ ଖେଳ ସୁବିଧା କରିବାକୁ ପ୍ରଫୁଲ୍ଲ ପଟ୍ଟନାୟକ ବୈଠକରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ । ବୈଠକରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଆଇଆରଇର ଡିଜିଏମ୍ (ମାନବ ସମ୍ବଳ) ଜି. କେ. ନାୟକଙ୍କ ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ ।

## ଦ୍ୱିତୀୟ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ଶିବିର

ଚିକିଟି,୧୮।୧୨(ଡି.ଏନ.ଏ.)

ଚିକିଟି ବ୍ଲକ ନୂଆପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଏସ୍ ମମତାଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ମଧ୍ୟାହ୍ନରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନାର ଦ୍ୱିତୀୟ କ୍ଲଷ୍ଟର ସ୍ତରୀୟ ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚିକିଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଫାଲ୍‌ଗୁନି ମାଝି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଛତ୍ରପୁର ବ୍ଲକ ପାଣ୍ଡୋର, ସାହି ଏକ୍ସପୋର୍ଟ ଆମ୍ବପୁଆ, ଗୋପାଳପୁର ଏନ୍‌ଟିଏଫ୍, ଜର୍ମିର ଗ୍ରାମତରଙ୍ଗ, ହାଇଦ୍ରାବାଦର ଏୟାରପୋର୍ଟ ଏକ୍ସପୋର୍ଟ ପ୍ରୋମୋଟିଏଜେନସି ଯୋଗ ଦେଇଥିଲେ। ଶିବିରରେ ନୂଆପଡ଼ା, ଚାନ୍ଦପୁର, ଲାଲମେଣ୍ଟା ପଞ୍ଚାୟତର ବିଭିନ୍ନ ଗ୍ରାମର ୧୦୫ ବେକାର ଯୁବତୀ ଓ ଯୁବକ ନାମ ପଞ୍ଜୀକରଣ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନ ଚିକିଟି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିବା ବେଳେ ସରପଞ୍ଚ ପ୍ରତିନିଧି ଏସ୍ ଜଗଦୀଶ ସହଯୋଗ କରିଥିଲେ ।

# ବ୍ୟବସାୟୀଙ୍କଠାରୁ ୭୫ ହଜାର ଲୁଟ୍

## ସାଇବର ଠକେଇ

ଦିଗପହଣ୍ଡି,୧୮।୧୨(ଡି.ଏନ.ଏ.)

ଦିଗପହଣ୍ଡିର ବ୍ୟବସାୟୀ ଅଶୋକ କୁମାର ନନ୍ଦଙ୍କ ବ୍ୟାଙ୍କ ଆକାଉଣ୍ଟରୁ ବୁଧବାର ଜଣେ ଦୁର୍ବୃତ୍ତ ୭୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଶୋକ ବ୍ରହ୍ମପୁର ସାଇବର ଥାନାରେ ଏତଲା ଦେଇଛନ୍ତି। ଗତ ବୁଧବାର ଅଶୋକଙ୍କ ନାବାଳକ ପୁଅ ତାଙ୍କ ମୋବାଇଲରେ ଭିଡିଓ ଗେମ ଖେଳୁଥିବା ବେଳେ ଏକ ଅଜଣା ନମ୍ବରରୁ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ଜଣକ ଫୋନ ପେ'ରେ ଅଶୋକଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାକୁ ଚାହୁଁଥିବା କହିଥିଲେ। କିନ୍ତୁ ତୁମ ବାପାଙ୍କ ଫୋନ୍ ଠିକ ଭାବେ କାମ କରୁ ନ ଥିବାରୁ ଟଙ୍କା ଯାଉ ନାହିଁ ବୋଲି ନାବାଳକଙ୍କୁ କହିଥିଲେ। ଏହାପରେ ଅଶୋକଙ୍କ ପୁଅ ସଠିକତା ଜାଣିବା ପାଇଁ ଅନ୍ୟ ଏକ ଆକାଉଣ୍ଟରୁ ବାପାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପରୀକ୍ଷା ମୂଳକ ଭାବେ ୧୦ ଟଙ୍କା ପଠାଇଥିଲେ। କିନ୍ତୁ ସର୍ଭର ଡାଉନ ଥିବାରୁ ତାହା ସଙ୍ଗେ ସଙ୍ଗେ ପହଞ୍ଚି ନ ଥିଲା। ଏହାପରେ ନାବାଳକ ଗୁଗଲ ସର୍ଚ୍ଚ କରି ଫୋନ ପେ' କଷ୍ଟମର କେୟାର ନମ୍ବର ବାହାର କରି ଟଙ୍କା ଆସୁ ନ ଥିବା ଅଭିଯୋଗ କରିଥିଲେ। ତେବେ କଷ୍ଟମର କେୟାର ଭାବି ସେ ଯେଉଁ ନମ୍ବରକୁ ଅଭିଯୋଗ କରିଥିଲେ ତାହା ଜଣେ ସାଇବର ଠକଙ୍କ ନମ୍ବର ବା ପୂର୍ବରୁ କଲ କରିଥିବା ବ୍ୟକ୍ତି ଥିଲା। ଠକ ଜଣକ ନାବାଳକଙ୍କଠାରୁ କୌଶଳକ୍ରମେ ଅଶୋକଙ୍କ ବ୍ୟାଙ୍କ ଆକାଉଣ୍ଟର ବିଭିନ୍ନ ଗୋପନୀୟ ତଥ୍ୟ ହାସଲ କରି ପର୍ଯ୍ୟାୟକ୍ରମେ ପ୍ରଥମେ ୫୦୦୦ ପରେ ୪୪୦୦୦ ଏମିତି ମୋଟ ୭୫ ହଜାର ଟଙ୍କା କିଛି କ୍ଷଣ ମଧ୍ୟରେ ଅନ ଲାଇନ ବ୍ୟାଙ୍କିଂ ମାଧ୍ୟମରେ ଲୁଟି ନେଇଥିଲେ। ବାପାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ବାରମ୍ବାର ଟଙ୍କା କଟୁଥିବା ମେସେଜ୍ ଦେଖି ନାବାଳକ ଜଣକ ବ୍ୟସ୍ତ ହୋଇ ସେହି ଠକ ସହ ବାରମ୍ବାର ଫୋନରେ କଥା ହେଉଥିଲେ ମଧ୍ୟ ସମ୍ପୃକ୍ତ ଠକ ଏକକାଳୀନ ଟଙ୍କା ଫେରସ୍ତ କରି ଦିଆଯିବାର ପ୍ରତିଶ୍ରୁତି ଦେଇ ସମସ୍ତ ଟଙ୍କା ଲୁଟି ନେଇଥିଲେ।

# ବଡ଼ଦିନ ପାଇଁ ଶାନ୍ତି କମିଟି ବୈଠକ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ରାଇକିଆ,୧୮।୧୨(ଡି.ଏନ୍.ଏ.)

ବଡ଼ଦିନ ପାଇଁ ରାଇକିଆ ବ୍ଲକ ସଭାଗୃହଠାରେ ଶୁକ୍ରବାର ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଯାଇଛି। ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଗାମୀ ବଡଦିନ କିପରି ଶାନ୍ତି ଶୃଙ୍ଖଳାର ସହ ପାଳନ ହେବ ସେ ନେଇ ଆଲୋଚନା ହୋଇଥିଲା। କୋଭିଡ୍ ନିୟମକୁ ଦୃଷ୍ଟିରେ ରଖି ଘରେ ବଡ଼ ଦିନ ପାଳନ ପାଇଁ ଅନୁମତି ଦିଆଯାଇଥିବା ବେଳେ ମାସ୍କ, ସାନିଟାଇଜର ଓ ସାମାଜିକ ଦୂରତା ରଖିବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ବିଡିଓ ପ୍ରବୀଣ କୁମାର ବାଣୁଆ, ଥାନାଧିକାରୀ ତରୁଣ ତପନ ବେହେରା, ବ୍ଲକ ଉପାଧ୍ୟକ୍ଷ ସୁରେଶ ପ୍ରଧାନ, ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀ, ବିଧାୟକ ପ୍ରତିନିଧି ସୁଶିଲ ଦିଗାଲ, ବିଜେଡି ଜିଲା ସଂଖ୍ୟା ଲଘୁ ସେଲ ସଭାପତି ଜୟାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟା ଝୁଲିମା ଦଳ ବେହେରା, ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକ ପ୍ରତିନିଧି ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ବ୍ଲକ ମାଧ୍ୟମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ

ପାତ୍ରପୁର,୧୮।୧୨(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଜୟନ୍ତିପୁର ସ୍ଥିତ ଦିବ୍ୟସିଂହ ବିଦ୍ୟାପୀଠରେ ଶୁକ୍ରବାର ବ୍ଲକ ମାଧ୍ୟମିକ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।। ଏଥିରେ ପରାଙ୍କୁଶ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଭଗବାନ ବେହେରା ସଭାପତିତ୍ୱ କରିଥିଲେ। ମାଧ୍ୟମିକ ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ସହ ନୂତନ ସଂଘ ଗଠନ ନେଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ସୁରେନ୍ଦ୍ରନାଥ ପଣ୍ଡା, ସମ୍ପାଦକ ଭାବେ ନିରଞ୍ଜନ ରାଉଳ ଓ ପ୍ରଫୁଲ କୁମାର ପାଢ଼ୀ, ଉପ ସଭାପତି ରାମକୃଷ୍ଣ ସିଙ୍ଗାରି ଓ ରୀତା ଦାସ, ଯୁଗ୍ମ ସମ୍ପାଦକ ଭାବେ ଆଶିଷ କୁମାର ସାହୁ ଓ ରାଧା ସାହୁ, କୋଷାଧ୍ୟକ୍ଷ କେଦାରନାଥ ଅଧିକାରୀଙ୍କୁ ଚୟନ କରାଯାଇଥିଲା।

# ବିଶ୍ୱ ସଂଖ୍ୟାଲଘୁ ଅଧିକାର ଦିବସ

ଫୁଲବାଣୀ ଅଫିସ, ୧୮।୧୨



କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

କନ୍ଧମାଳ ଜିଲା ଫୁଲବାଣୀରେ ବିଶ୍ୱ ସଂଖ୍ୟାଲଗୁ ଅଧିକାର ଦିବସ ଶୁକ୍ରାବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶାନ୍ତି ଶୋଭାଯାତ୍ରା କରା ଯାଇଥିଲା। ସ୍ଥାନୀୟ ମାଦିକୁନ୍ଦା ଛକରୁ ବାହାରିଥିବା ରାଲି ଜିଲାପାଳଙ୍କ କାର୍ଯ୍ୟାଳୟ ପାଖରେ ଶେଷ ହୋଇଥିଲେ। ସେଠାରେ ସଂଖ୍ୟାଲଘୁ ମୋର୍ଚ୍ଚା ପକ୍ଷରୁ ଏକ ଦାବିପତ୍ର ଜିଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା। ସଂଖ୍ୟାଲଘୁମାନଙ୍କୁ ରାଜ୍ୟ ବିଧାନ ସଭା ଏବଂ ରାଷ୍ଟ୍ରୀୟ ଲୋକ ସଦନରେ ପ୍ରତିନିଧିତ୍ୱ କରିବାର ଅଧିକାର ପ୍ରଦାନ, ରାଜ୍ୟରେ ସଂଖ୍ୟାଲଘୁ ଆୟୋଗ ସ୍ଥାପନ, ଦଳିତ ଖ୍ରୀଷ୍ଟିଆନ ଓ ମୁସଲମାନଙ୍କୁ ପଛୁଆବର୍ଗ(ଏସ୍‌ସି) ମାନ୍ୟତା ପ୍ରଦାନ, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂଖ୍ୟାଲଘୁଙ୍କ ପାଇଁ ୫ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା, ଶିକ୍ଷାବୃତି ପ୍ରଦାନ କ୍ଷେତ୍ରରେ ୫୦ ପ୍ରତିଶତ ମାର୍କର ଯୋଗ୍ୟତାକୁ ଉଚ୍ଛେଦ କରି ଅନ୍ୟମାନଙ୍କ ପରି ବିନା ମାର୍କ ଯୋଗ୍ୟତାରେ ଏହା ପ୍ରଦାନ କରିବା, ଶିକ୍ଷା ବୃତ୍ତି ପାଇଁ ଆବେଦନ ପ୍ରକ୍ରିୟାକୁ ସରଳ ଓ ସହଜ କରିବା, ପ୍ରଧାନମନ୍ତ୍ରୀଙ୍କ ୧୫ ସୂତ୍ରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।

# ୪୩ ପରିବାରଙ୍କୁ ପଟ୍ଟା ବଣ୍ଟନ

ଗୁମ୍ମା,୧୮।୧୨(ଡି.ଏନ୍.ଏ.)



ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଉଛି।

ଗଜପତି ଜିଲା ଗୁମ୍ମା ବ୍ଲକ ବଡକଲାକୋଟ ପଞ୍ଚାୟତ କୁଲଙ୍ଗ ଗ୍ରାମରେ ଗତବର୍ଷ ଲଗାଣ ବର୍ଷାରେ ପାହାଡ ଧସି ବହୁଘର ଭାଙ୍ଗିଥିଲା। ୪୩ କ୍ଷତିଗ୍ରସ୍ତ ପରିବାରକୁ ଜଣ ପିଛା ୧ଲକ୍ଷ ଟଙ୍କା ସହ ଗୃହ ନିର୍ମାଣ ନିମନ୍ତେ ପଟ୍ଟା ପ୍ରଦାନ କରାଯାଇଛି। ଏନେଇ ଶୁକ୍ରବାର ଗୁମ୍ମା ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ଏବଂ ଜିଲାପାଳ ଅନୁପମ ସାହା ପ୍ରମୁଖ ଯୋଗଦେଇ କ୍ଷତିଗ୍ରସ୍ତ ପରିବାରଙ୍କୁ ପଟ୍ଟା ବଣ୍ଟନ କରିଥିଲେ।

ଗ୍ରାମବାସୀ ପାହାଡ ଧସିଥିବା ଗ୍ରାମରେ ଆଉ ନ ରହିବାକୁ ଇଚ୍ଛାକରି ଅନ୍ୟଏକ ସ୍ଥାନରେ ଜାଗା ଦେବାକୁ କହିଥିଲେ। ଜିଲାପାଳ, ଉପଜିଲାପାଳ, ବିଡ଼ିଓ ଓ ତହସିଲଦାର ପ୍ରମୁଖ ନୂତନ ଜାଗା ଠିକ୍ କରି ରାସ୍ତା ନିର୍ମାଣ ସହ ଅନ୍ୟାନ୍ୟ ସୁବିଧା କରିବା ପରେ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଗଜେନ୍ଦ୍ର ଗମାଙ୍ଗ, ଗୁମ୍ମା ସରପଞ୍ଚ ଜିଖେଣିଆ ରଇତ ପ୍ରମୁଖ ଉପସ୍ଥିତି ଥିଲେ।

# ୨ଦଫା ଦାବି ନେଇ ଜିଲାପାଳଙ୍କୁ ଭେଟିଲା ଓକିଲ ସଂଘ

ଛତ୍ରପୁର,୧୮।୧୨(ଡି.ଏନ୍.ଏ.)


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଓକିଲ ସଂଘ କର୍ମକର୍ତ୍ତା।

ଦୁଇ ଦଫା ଦାବି ନେଇ ଛତ୍ରପୁର ଓକିଲ ସଂଘର କର୍ମକର୍ତ୍ତାମାନେ ଶୁକ୍ରବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗଞ୍ଜାମ ଖାଉଟି ବିବାଦ ପ୍ରତିକାର ଫୋରମ ଜିଲା ହେଡକ୍ୱାର୍ଟର ଛତ୍ରପୁର ସହରରେ ରହିବା କଥା । ମାତ୍ର ତାହା ବ୍ରହ୍ମପୁରରେ ରହିଛି । ଯାହାଫଳରେ ଛତ୍ରପୁର ଓ ଆଖପାଖ ଅଞ୍ଚଳର ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଛତ୍ରପୁରରେ ଏହାର ସର୍କିଟ ବେଞ୍ଚ ପ୍ରତିଷ୍ଠା କରିବା ଲାଗି ଜିଲା ଖାଉଟି ବିବାଦ ପ୍ରତିକାର ଫୋରମର ସଭାପତିଙ୍କୁ ଚିଠି ଲେଖି ଜିଲା ସିଏସଓଙ୍କୁ ନିର୍ଦ୍ଦେଶ ଦେବାକୁ ଜିଲାପାଳଙ୍କୁ ଓକିଲ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି । ସେହିପରି ବ୍ରହ୍ମପୁରସ୍ଥିତ ଜଏଣ୍ଟ କମିଶନର (ସେଟେଲମେଣ୍ଟ) ଅଫିସ ଦୀର୍ଘ ଦିନ ହେଲା ବନ୍ଦ ରହିଛି । ଫଳରେ ବହୁ ପ୍ରିସେଟେଲମେଣ୍ଟ କେସ୍ ପଡ଼ିରହିଛି। ଏହାଫଳରେ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏବଂ ତ୍ୱରିତ ବିଚାର ପାଇଁ ସମସ୍ତ ମାମଲାକୁ ଛତ୍ରପୁରସ୍ଥିତ ଏଡିଏମଙ୍କ କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି । ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ, ସମ୍ପାଦକ ଏଲ୍. ଗୋପାଲ ରାଓ, ଉପସଭାପତି ଡମ୍ବିନାଥ ସାହୁ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଥିଲେ।

